# କେନ୍ଦୁଝର : ଜିଲ୍ଲାସ୍ତରୀୟ ଟେବୁଲ ଟପ୍ ଏକ୍ସରସାଇଜ ଅନୁଷ୍ଠିତ



କେନ୍ଦୁଝର, ତା ୧୮.୦୬.        ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଚଳିତ ଜୁନ ୧୮ ତାରିଖ ରବିବାର ଦିନ କେନ୍ଦୁଝର ଜିଲ୍ଲାରେ ଟେବୁଲ୍ ଟପ୍ ଏକ୍ସରସାଇଜ୍ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲ୍ଲାପାଳ ଆଶିଷ ଠାକରେ ଯୋଗଦେଇ ଉଦ୍‌ବୋଧନ ଛଳରେ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ପାଇଁ ସମସ୍ତ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ଏକାନ୍ତ ଆବଶ୍ୟକ ବୋଲି କହିଥିଲେ । ଯେ କୌଣସି ବିପର୍ଯ୍ୟୟର ମୁକାବିଲା ପାଇଁ ଯୋଜନାବଦ୍ଧ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତି, ବିଭିନ୍ନ ବିଭାଗରେ ଉପଲବ୍ଧ ସାଧନ, ସମ୍ବଳ, ଯନ୍ତ୍ରପାତିର ତନଖି ସହିତ ସଜାଗ ରହିବା ଜରୁରୀ । କେବଳ କାଗଜ କଲମରେ ପ୍ରସ୍ତୁତି ସୀମିତ ନରହି ବାସ୍ତବ କ୍ଷେତ୍ରରେ ଏହାର କାର୍ଯ୍ୟାନ୍ୱୟନ କରି ବିପର୍ଯ୍ୟୟର ସଫଳ ମୁକାବିଲା କରିବାକୁ ଜିଲ୍ଲାପାଳ ସଂପୃକ୍ତ କର୍ତୃପକ୍ଷ / ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଶେଷ କରି କଂଟ୍ରୋଲ୍ ରୁମ୍ ପରିଚାଳନା, ଜଳସଂପଦ ବିଭାଗ ଦ୍ୱାରା ଦୁର୍ବଳ ନଦୀବନ୍ଧର ଚିହ୍ନଟ ସହ ଆଶୁ ମରାମତି ଏବଂ ପ୍ରାକ୍ ପଦକ୍ଷେପ ଗ୍ରହଣ, ବିଦ୍ୟୁତ୍ ବିଭାଗ ଦ୍ୱାରା (ଟିପିଏନ୍‌ଓଡିଏଲ୍) ତୁରନ୍ତ ବିଦ୍ୟୁତ ସରବରାହକୁ କାର୍ଯ୍ୟକ୍ଷମ କରିବା, ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଏବଂ ଅଗ୍ନିଶମ ବିଭାଗ ଦ୍ୱାରା ଗଛପଡି ଅବରୋଧ ରାସ୍ତାକୁ ଗମନାଗମନ ଉପଯୋଗୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏତଦ୍‌ବ୍ୟତୀତ ବିପର୍ଯ୍ୟୟ ସୂଚନା ପାଇବା ମାତ୍ରେ ଜନସାଧାରଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର, ରିଲିଫ୍ ପରିଚାଳନା ଓ

ଉଦ୍ଧାର କାର୍ଯ୍ୟ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ । ଏହି ବୈଠକରେ ସ୍ୱାସ୍ଥ୍ୟ, ସମାଜ ମଙ୍ଗଳ, ପ୍ରାଣୀ ସଂପଦ ବିଭାଗ, ଅଗ୍ନିଶମ, ପୂର୍ତ୍ତବିଭାଗ, ଜଳସଂପଦ, କୃଷି, ପାନୀୟଜଳ, ବିଦ୍ୟୁତ ବିଭାଗ, ଜଙ୍ଗଲ, ଆରକ୍ଷୀ ବିଭାଗୀୟ ଅଧିକାରୀ ତଥା ଅନ୍ୟ ବିଭାଗୀୟ ଅଧିକାରୀ ନିଜ ନିଜ ବିଭାଗର ଆକ୍ସନ ପ୍ଲାନ୍ ସଂପର୍କରେ ପାୱାର ପଏଣ୍ଟ୍ ପ୍ରେଜେଂଟେସନ୍ ମାଧ୍ୟମରେ ଅବଗତ କରାଇଥିଲେ  ପ୍ରାରମ୍ଭରେ ଡେପୁଟି କଲେକ୍ଟର ଆପତକାଳୀନ ଶ୍ରୀମତୀ ସୁରଞ୍ଜିକା ବେହେରା ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଟେବୁଲ୍ ଟପ୍ ଏକ୍ସରସାଇଜର ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା, ଉପଜିଲ୍ଲାପାଳ, କେନ୍ଦୁଝର ରାମଚନ୍ଦ୍ର କିସ୍କୁ, ଓସଡମାର ଡେପୁଟି ଜେନେରାଲ୍ ମ୍ୟାନେଜର ଅମ୍ବିକା ପ୍ରସାଦ ମିଶ୍ର, ଡି.ଏସ୍.ପି. ଡିଆଇବି ଇନ୍ଦୁରେଖା ପଣ୍ଡିମକବାଟ, ଓସଡମାର ଡିପିଓ ସୁଧାଂଶୁ ଶେଖର ପୃଷ୍ଟିଙ୍କ ସମେତ ଅନ୍ୟ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର